# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 17 March – 2025

## ଅମିତ୍ ଶାହା ଓଡ଼ିଶା ଗସ୍ତ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ୩ ଦିନିଆ ଓଡ଼ିଶା ଗସ୍ତରେ ଆସି ଆସନ୍ତା ୨୧ ତାରିଖ ସନ୍ଧ୍ୟାରେ ଝାରସୁଗୁଡ଼ାଠାରେ ପହଞ୍ଚିବେ। ୨୨ ତାରିଖ ସକାଳେ ସମ୍ବଲପୁରର ଇଷ୍ଟଦେବୀ ମା' ସମଲେଇଙ୍କ ଦର୍ଶନ ପରେ ଶ୍ରୀ ଶାହା ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ ବୋଲି ଦଳୀୟ ସୂତ୍ରରୁ ଜଣାପଡିଛି। ୨୩ ତାରିଖ ଦିନ ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କୁ ଦର୍ଶନ କରିବା ପରେ ଶ୍ରୀ ଶାହା ଜଟଣୀଠାରେ ଦେଶର ଦ୍ୱିତୀୟ ଫୋରେନ୍‌ସିକ୍ ବିଶ୍ୱବିଦ୍ୟାଳୟର ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଦଳର ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ।

## ଚାଷୀ ପଞ୍ଜିକରଣ ପ୍ରକ୍ରିୟା

ରାଜ୍ୟରେ ରବିଧାନ ବିକ୍ରି କରିବା ଲାଗି ଚାଷୀ ପଞ୍ଜିକରଣ ପ୍ରକ୍ରିୟା ଚାଲିଛି । ଚଳିତମାସ ଶେଷ ପର୍ଯ୍ୟନ୍ତ ଚାଷୀମାନେ ପଞ୍ଜିକରଣ କରିପାରିବେ । ପ୍ରାଥମିକ କୃଷି ସମବାୟ ସମିତି, ପେକ୍ସ, ଲ୍ୟାମ୍ପ୍‌ସ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଜରିଆରେ ପଞ୍ଜିକରଣ କରାଯାଇପାରିବ । ଗତବର୍ଷ ପଞ୍ଜିକୃତ ହୋଇଥିବା ଚାଷୀମାନଙ୍କୁ ମଧ୍ୟ

ଧାନ ବିକିବା ଲାଗି ଚଳିତବର୍ଷ ପୁଣିଥରେ ପଞ୍ଜୀକରଣ କରିବାକୁ ପଡିବ । ଚାଷୀମାନେ ଏ ବାବଦରେ ଅଧିକ ସୂଚନା ଜାଣିବା ପାଇଁ ୧୯୬୭ ନମ୍ବରକୁ ଟେଲିଫୋନ କିମ୍ବା foododisha.in ୱେବସାଇଟ୍‌ରେ ସୂଚନା ପାଇପାରିବେ । ସରକାର ଆସନ୍ତା ମେ’ ମାସ ୧ ତାରିଖରୁ ଜୁନ୍ ମାସ ୩୦ ତାରିଖ ପର୍ଯ୍ୟନ୍ତ ଚାଷୀମାନଙ୍କ ଠାରୁ ରବିଧାନ କିଣିବେ ।

## ମଧ୍ୟାହ୍ନ ଭୋଜନ-ତେଲ ବ୍ୟବହାର

ବିଦ୍ୟାଳୟରେ ପିଲାମାନଙ୍କୁ ଦିଆଯାଉଥିବା ମଧ୍ୟାହ୍ନ ଭୋଜନରେ ୧୦ ପ୍ରତିଶତ କମ୍ ତେଲ ବ୍ୟବହାର କରିବାକୁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟମାନଙ୍କୁ ପରାମର୍ଶ ଦିଆଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମନ୍ କି ବାତ୍ ଏବଂ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମରେ ପିଲାଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ମେଦ ବହୁଳତା ସମ୍ପର୍କରେ ଆଲୋଚନା କରିବା ପରେ ପିଏମ୍ ପୋଷଣ ଯୋଜନା ଅଧୀନରେ ଏହି ପରାମର୍ଶ ଦିଆଯାଇଛି । ବିଦ୍ୟାଳୟରେ ସୁସ୍ଥ ରୋଷେଇ ପଦ୍ଧତି ଗ୍ରହଣ କରିବାକୁ ଶିକ୍ଷା ମନ୍ତ୍ରଣାଳୟର ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ପକ୍ଷରୁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ପତ୍ର ଲେଖାଯାଇଥିବା ଜଣାପଡିଛି ।

## ଜନପୋଷଣ କେନ୍ଦ୍ର

ରାଜ୍ୟରେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗ ଏବଂ ମଧ୍ୟବିତ୍ତ ପରିବାରଗୁଡ଼ିକୁ ରିହାତି ଦରରେ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦେବା ଉଦ୍ଦେଶ୍ୟରେ

୩୫ଟି ଜନପୋଷଣ କେନ୍ଦ୍ର ଆରମ୍ଭ ହେବ ବୋଲି ଖାଦ୍ୟ ଯୋଗାଣ ଏବଂ ଖାଉଟୀ କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ସେ କହିଛନ୍ତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତଭାବେ ଏହି କାର୍ଯ୍ୟକ୍ରମ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରତ୍ୟେକ ପଞ୍ଚାୟତରେ ଆରମ୍ଭ କରିବେ ।

## ଆର୍‌ଟିଇ ନାମଲେଖା

ରାଜ୍ୟର ଘରୋଇ ବିଦ୍ୟାଳୟରେ ଶିକ୍ଷା ଅଧିକାର ଆଇନ୍ ଅଧୀନରେ ନାମଲେଖା ତାରିଖରେ ପରିବର୍ତ୍ତନ କରାଯାଇଛି । ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରକାଶିତ ସଂଶୋଧିତ ବିଜ୍ଞପ୍ତି ଅନୁଯାୟୀ ଆସନ୍ତାକାଲି ମଙ୍ଗଳବାରଠାରୁ ଏପ୍ରିଲ ମାସ ୨୦ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ନାମଲେଖା ପାଇଁ ପଞ୍ଜିକରଣ ଆରମ୍ଭ ହେବ । ଏପ୍ରିଲ ୩ ତାରିଖରୁ ୨୩ ତାରିଖ ମଧ୍ୟରେ ବ୍ଲକ ଶିକ୍ଷାଧିକାରୀମାନେ ଯାଞ୍ଚ ପ୍ରକ୍ରିୟା ଶେଷ କରିବା ପରେ ୨୪ତାରିଖରେ ଚୂଡାନ୍ତ ମେଧାତାଲିକା ପ୍ରକାଶ ପାଇବ ।

## ଅନ୍ତୋଦୟ ଗୃହ ଯୋଜନା

ଆକାଂକ୍ଷୀ ଜିଲ୍ଲା କଳାହାଣ୍ଡିରେ ଆସନ୍ତା ୩୦ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଅନ୍ତୋଦୟ ଗୃହ ଯୋଜନା କଳାହାଣ୍ଡି ଜିଲ୍ଲାରେ ଶୁଭାରମ୍ଭ କରିବେ । ରାଜ୍ୟରେ ଏହି ଯୋଜନା କାର୍ଯ୍ୟକାରୀ କରିବା ଲାଗି ଚଳିତ ବଜେଟ୍‌ରେ ୭ହଜାର ୫୫୦କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି ।

## ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶିଶୁସୁରକ୍ଷା ବିଭାଗ ପକ୍ଷରୁ ବିଦ୍ୟାଳୟସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବନ୍ତ ଉଚ୍ଚ ବିଦ୍ୟାଳୟ ଶିବିରରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବହେଳିତ ଅବସ୍ଥାରେ ଥିବା ଶିଶୁମାନଙ୍କୁ ଚିହ୍ନଟ କରି ଆଇନ୍ ସହାୟତା ଯୋଗାଇ ଦେବା ସହ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ କରିବା ଲାଗି ବୈଠକରେ ନିଷ୍ପତ୍ତି ନିଆଯାଇଛି ।

## ଟେଲିକମ ବୈଠକ

ଢେଙ୍କାନାଳ ଟେଲିକମ୍ ପରାମର୍ଶଦାତା କମିଟି ଅଧ୍ୟକ୍ଷ ତଥା ସାଂସଦ ରୁଦ୍ରନାରାୟଣ ପାଣିଙ୍କ ଅଧ୍ୟକ୍ଷତାରେ ଜିଲ୍ଲାରେ ଟେଲି ଯୋଗାଯୋଗ ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି । କପିଳାସ ପୀଠ ସମେତ ଜିଲ୍ଲାର ଗ୍ରାମାଞ୍ଚଳରେ ମୋବାଇଲ ସେବା ଓ ଇଣ୍ଟରନେଟ୍ ବ୍ୟବସ୍ଥା ଲାଗି ସାଂସଦ ଶ୍ରୀ ପାଣି ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଛନ୍ତି ।

## ରମାକାନ୍ତ ରଥଙ୍କ ଶେଷକୃତ୍ୟ

ବିଶିଷ୍ଟ ସାରସ୍ୱତ ସାଧକ ସ୍ୱର୍ଗତ ରମାକାନ୍ତ ରଥଙ୍କ ଆଜି ପୁରୀ ସ୍ୱର୍ଗଦ୍ୱାରରେ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ହେବ । ଗତକାଲି ୯୧ ବର୍ଷ ବୟସରେ ଶ୍ରୀ ରଥଙ୍କର ଭୁବନେଶ୍ୱରସ୍ଥିତ ବାସଭବନରେ ପରଲୋକ ହୋଇଥିଲା ।

## ଜଙ୍ଗଲ ନିଆଁ

ରାଜ୍ୟରେ ଗତ ଏକସପ୍ତାହ ମଧ୍ୟରେ ୨ହଜାର ୫୮୬ଟି ଜଙ୍ଗଲରେ ନିଆଁ ଲାଗିଥିବା ଭାରତୀୟ ଜଙ୍ଗଲ ସର୍ବେକ୍ଷଣ ରିପୋର୍ଟରୁ ଜଣାପଡିଛି । ଗତମାସ ୨୫ ତାରିଖରୁ ଚଳିତମାସ ୪ ତାରିଖ ମଧ୍ୟରେ ୧ହଜାର ୧୭୨ଟି ଜଙ୍ଗଲରେ ନିଆଁ ଲାଗିଥିବା ଜଣାପଡିଛି । ପ୍ରାୟ ୨୪ଟି ଜିଲ୍ଲାରେ ସୃଷ୍ଟି ହୋଇଥିବା ଜଙ୍ଗଲ ନିଆଁକୁ ଆୟତ୍ତ କରିବା ଲାଗି ଅଗ୍ନିଶମ ବିଭାଗ ଏବଂ ସ୍ଥାନୀୟ ଜନସାଧାରଣ ଉଦ୍ୟମ ଚଳାଇଛନ୍ତି । କନ୍ଧମାଳ ଜିଲ୍ଲାର ବନ୍ଧଗଡ଼ ପଞ୍ଚାୟତ ମିଲୁମହା ଗାଁର ଲିପିକା ମଲ୍ଲିକ୍ ଦୀର୍ଘ ୧ କିଲୋମିଟର ପର୍ଯ୍ୟନ୍ତ ଜଙ୍ଗଲ ନିଆଁ ଲିଭାଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ସୂଚନାଯୋଗ୍ୟ, ଜଙ୍ଗଲରୁ ମହୁଲ ସଂଗ୍ରହ ପାଇଁ କିଛି ଲୋକ ନିଆଁ ଲଗାଇ ଦେଇଥିବାବେଳେ ଏହା ଲିପିକାଙ୍କ ଦୃଷ୍ଟିକୁ ଆସିଥିଲା। ହାତରେ କୌଣସି ସରଞ୍ଜାମ ନଥାଇ ଗଛ ଡାଳକୁ ଭାଙ୍ଗି ସେ ନିଆଁ ଲିଭାଇବା ପାଇଁ ପ୍ରୟାସ କରିଥିଲେ। ଏ ସମ୍ପର୍କରେ ଲିପିକା ମଲ୍ଲିକ କହିଛନ୍ତି...

**V/o-**

## ବର୍ଷା

ନୂଆପଡା ଜିଲ୍ଲା ତାରବୋଡ ଅଞ୍ଚଳରେ ଗତକାଲି କୁଆପଥର ବର୍ଷା ସହ ପବନ ବହିବାରୁ ବଡବଡ ଗଛଗୁଡ଼ିକ ଉପୁଡି ପଡିଥିବା ସମ୍ବାଦ ଆମର

ହସ୍ତଗତ ହୋଇଛି । ଅଦିନିଆ ବର୍ଷା ଓ ଘୂର୍ଣ୍ଣିଝଡ଼ ପ୍ରଭାବରେ ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଥିବା ଜଣାପଡିଛି ।

## ତାପମାତ୍ରା

ରାଜ୍ୟରେ ଦିନ ତାପମାତ୍ରା ବୃଦ୍ଧି ପାଇବା ସହ ଗ୍ରୀଷ୍ମପ୍ରବାହ ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ ଗତକାଲି ବୌଦ୍ଧରେ ସର୍ବାଧିକ ତାପମାତ୍ରା ୪୩ ଦଶମିକ ୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବାବେଳେ ଝାରସୁଗୁଡାରେ ୪୨ ଓ ବଲାଙ୍ଗୀରରେ ୪୧ ଦଶମିକ ୭ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି । ୭ଟି ସ୍ଥାନରେ ତାପମାତ୍ରା ୪୦ଡିଗ୍ରୀରୁ ଉପରେ ରହିଥିବାବେଳେ ୨୪ଟି ସହରରେ ତାପମାତ୍ରା ୩୫ଡିଗ୍ରୀ ଉପରେ ରହିଥିଲା । ଆଜି ଝାରସୁଗୁଡା, ସମ୍ବଲପୁର, କଳାହାଣ୍ଡି, ସୋନପୁର ଏବଂ ବୌଦ୍ଧ ଜିଲ୍ଲାକୁ ପ୍ରବଳ ଗ୍ରୀଷ୍ମପ୍ରବାହ ନେଇ ସତର୍କତା ଜାରି କରାଯାଇଥିବାବେଳେ ଅନୁଗୁଳ, ବଲାଙ୍ଗୀର ଏବଂ ସୁନ୍ଦରଗଡ ଜିଲ୍ଲାକୁ ଗ୍ରୀଷ୍ମପ୍ରବାହ ସତର୍କତା ଜାରି କରାଯାଇଛି ।

ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ପୂର୍ବାହ୍ନ ୧୧ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ସତର୍କ ରହିବାଲାଗି ପାଣିପାଗ ବିଭାଗ ପରାମର୍ଶ ଦେଇଛି । ଏହି ସମୟ ମଧ୍ୟରେ ଅଧିକ ପାଣି ପିଇବା, ଖରାକୁ ନ ବାହାରିବା ଏବଂ ଶ୍ରମିକମାନଙ୍କୁ କାର୍ଯ୍ୟରେ ନିୟୋଜିତ ନକରିବା ଲାଗି ପରାମର୍ଶ ଦିଆଯାଇଛି ।